**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**26 Morning – 2024**

## ଦୋଳ ପୂର୍ଣ୍ଣିମା

ରଙ୍ଗର ପର୍ବ ହୋଲି ଆଜି ସମଗ୍ର ଦେଶରେ ଆନନ୍ଦ ଉଲ୍ଲାସର ସହ ପାଳିତ ହେଉଛି । ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ଏହି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ହୋଲି ଲୋକମାନଙ୍କ ମଧ୍ୟରେ ସଦ୍‌ଭାବନା ଆଣିଥାଏ। ହୋଲି ପର୍ବ ଲୋକମାନଙ୍କ ମଧ୍ୟରେ ପ୍ରେମ ଓ ଭ୍ରାତୃଭାବର ବିକାଶ କରିବ ବୋଲି ସେ କାମନା କରିଛନ୍ତି।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି, ହୋଲି ପର୍ବ ଭ୍ରାତୃଭାବର ବିକାଶ କରିବା ସହ ଲୋକମାନଙ୍କ ମଧ୍ୟରେ ପ୍ରେମ ଓ ଶ୍ରଦ୍ଧାର ପ୍ରଚାର କରିଥାଏ। ହୋଲି ପର୍ବ ଲୋକମାନଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବ ବୋଲି ସେ କାମନା କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହୋଲିର ଶୁଭକାମନା ଜଣାଇବା ସହ ଏହି ପାରମ୍ପରିକ ପର୍ବ ସମସ୍ତଙ୍କ ଜୀବନରେ ନୂଆ ଉତ୍ସାହ ନେଇ ଆସୁ ବୋଲି କହିଛନ୍ତି ।

ରାଜ୍ୟପାଳ ରଘୁବର ଦାସ ଏହି ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଜ୍ୟ ତଥା ରାଜ୍ୟ ବାହାରେ ସମସ୍ତ ଓଡ଼ିଆଙ୍କର ସୁଖ, ଶାନ୍ତି ଓ ଆନନ୍ଦ କାମନା କରିଛନ୍ତି ।

# ହୋଲି-ନିର୍ଦ୍ଦେଶାବଳୀ

ହୋଲିକୁ ଦୃଷ୍ଟିରେ ରଖି ଅଗ୍ନିଶମ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ବିଭାଗ ପକ୍ଷରୁ ଭୁବନେଶ୍ୱରର ୫ଟି ସ୍ଥାନରେ ଅଘଟଣ ଏଡାଇବା ପାଇଁ ଲାଇଫଗାର୍ଡ, ଜ୍ୟାକେଟ, ରବରବୋଟ ଆଦି ରଖାଯିବା ସହ ଅଗ୍ନିଶମ କର୍ମଚାରୀଙ୍କୁ ମୁତୟନ କରାଯାଇଛି । ଏହାଛଡ଼ା କୁଆଖାଇ, ଦୟା ନଦୀ ଓ ପୁରୀ କେନାଲ ଆଦିରେ ଅଗ୍ନିଶମ କର୍ମଚାରୀ ମୁତୟନ ହୋଇଛନ୍ତି । ପ୍ରତି ତୁଠରେ ୬ ଜଣ ଉଦ୍ଧାରକାରୀ ଦଳ ରଖାଯିବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ତେବେ ନିଶାସକ୍ତ ଅବସ୍ଥାରେ ପାଣି ମଧ୍ୟକୁ ନ ଯିବା ଓ ଚୋରାବାଲି ପ୍ରତି ସତର୍କ ରହିବାକୁ ଅଗ୍ନିଶମ ବିଭାଗ ପରାମର୍ଶ ଦେଇଛି। କିଛି ଅଘଟଣ ଘଟିଲେ ୧୧୨ ନମ୍ବରକୁ କଲ୍ କରିବାକୁ ଅଗ୍ନିଶମ ଅଧିକାରୀ ଅବନୀକାନ୍ତ ସ୍ୱାଇଁ କହିଛନ୍ତି ।

ହୋଲି ପର୍ବ ପାଳନ ବେଳେ ରାସାୟନିକ ରଙ୍ଗ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଛି । ହୋଲିରେ ବିଶୃଙ୍ଖଳିତ ଆଚରଣ ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନରେଟ୍ ପୋଲିସ୍ ପକ୍ଷରୁ ସୂଚନା ଦିଆଯାଇଛି । ସର୍ବସାଧାରଣ ସ୍ଥାନ ଏବଂ ବିଭିନ୍ନ ହୋଟେଲ୍‌ରେ ହୋଲି ପାଳନ ଉପରେ ସତର୍କ ଦୃଷ୍ଟି ରଖାଯାଇଛି ।

କଟକରେ ହୋଲିପାଇଁ ୧୫ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ କରାଯାଇଛି । କୌଣସି ସ୍ଥାନରେ ରାସ୍ତା ଅବରୋଧ କରି ହୋଲି ଖେଳାଯାଇପାରିବ ନାହିଁ ବୋଲି କଟକ ଡି.ସି.ପି. ସୂଚନା ଦେଇଛନ୍ତି ।

## ମହିଳା ଭୋଟର-ସଖୀ ବୁଥ୍

୨୦୨୪ ସାଧାରଣ ନିର୍ବାଚନରେ ମହିଳା ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏହିକ୍ରମରେ ରାଜ୍ୟରେ ୪ହଜାର ବୁଥ୍ ପରିଚାଳନା ଦାୟିତ୍ୱରେ ମହିଳାମାନଙ୍କୁ ନିୟୋଜିତ କରାଯିବ ବୋଲି କମିଶନଙ୍କ ପକ୍ଷରୁ କୁହାଯାଇଛି । ସେହିପରି ୭ଶହ ମତଦାନ କେନ୍ଦ୍ର ପରିଚାଳନା ଦାୟିତ୍ୱରେ ଉଭୟ ପୁରୁଷ ଓ ମହିଳା ରହିଥିବାବେଳେ ୭୦୦ଟି ଆଦର୍ଶ ମତଦାନ କେନ୍ଦ୍ର ଚିହ୍ନଟ କରାଯାଇଛି । ମହିଳା ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ସଖୀ ବୁଥ୍ ସ୍ଥାପନ କରାଯିବ । ପ୍ରତି ଜିଲ୍ଲାରେ ୧୦ ପ୍ରତିଶତ ସଖୀ ବୁଥ୍ ରହିବ । ୨୦୧୯ ସାଧାରଣ ନିର୍ବାଚନରେ ଯେଉଁସବୁ ବୁଥ୍ ଗୁଡ଼ିକରେ ମହିଳାଙ୍କ ମତଦାନ ହାର କମ୍ ଥିଲା ସେଠାରେ ସଖୀ ବୁଥ୍ ସ୍ଥାପନ କରାଯିବ ବୋଲି କମିଶନଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଏହି ବୁଥ୍‌ରେ ନିୟୋଜିତ ମହିଳା କର୍ମଚାରୀମାନେ ରାଜ୍ୟ ହସ୍ତତନ୍ତ ପୋଷାକ ପିନ୍ଧିବେ । ପ୍ରତି ଜିଲ୍ଲାରେ ଅନ୍ୟୂନ ୨୦ ପ୍ରତିଶତ ଆଦର୍ଶ ମତଦାନ କେନ୍ଦ୍ର ରହିବ । ଏହିସବୁ ବୁଥ୍‌କୁ ଯୁବଗୋଷ୍ଠୀ ଓ ଦିବ୍ୟାଙ୍ଗମାନେ ପରିଚାଳନା କରିବେ ।

## ପୂର୍ବତଟ ରେଳପଥ

ପୂର୍ବତଟ ରେଳପଥ ୨୦୨୩-୨୪ ଆର୍ଥିକ ବର୍ଷରେ ପଣ୍ୟ ପରିବହନରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ୧ ଏପ୍ରିଲ, ୨୦୨୩ ରୁ ୨୫ ମାର୍ଚ୍ଚ ୨୦୨୪ ମଧ୍ୟରେ ପୂର୍ବତଟ ରେଳପଥ ୨୫୦

ନିୟୁତ ଟନ୍ ପଣ୍ୟ ପରିବହନ କରି ୨୦୨୨-୨୩ ଆର୍ଥିକ ବର୍ଷର ସର୍ବୋଚ୍ଚ ମାଲ ପରିବହନ କରିପାରିଛି । କ୍ରମାଗତ ୫ ଥର ପାଇଁ ୨୦୦ ମିଲିୟନ୍ ଟନ୍ ପଣ୍ୟ ବୋଝେଇ କ୍ଷେତ୍ରରେ ପୂର୍ବତଟ ରେଳପଥ ମାଇଲ ଖୁଣ୍ଟ ଅତିକ୍ରମ କରିବାରେ ମଧ୍ୟ ପ୍ରଥମ ଜୋନ୍ ହୋଇପାରିଛି । ପୂର୍ବତଟ ରେଳପଥର ତିନୋଟି ରେଳ ମଣ୍ଡଳ ଦ୍ୱାରା ଉତ୍ତମ ପ୍ରଦର୍ଶନ ପାଇଁ ଏହି ଲକ୍ଷ୍ୟ ହାସଲ କରାଯାଇପାରିଛି ।

ବିଭିନ୍ନ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସରକାରୀ ସହଭାଗିତା ଏବଂ ଶିଳ୍ପାନୁଷ୍ଠାନ ସହିତ ସଠିକ୍ ଯୋଜନା ଏବଂ ସମନ୍ୱୟ ସହିତ ପୂର୍ବତଟ ରେଳପଥର ଉଲ୍ଲେଖନୀୟ ପ୍ରଦର୍ଶନ ଦ୍ୱାରା ଏହି ଉଲ୍ଲେଖନୀୟ ପଣ୍ୟ ବୋଝେଇ ହାସଲ କରାଯାଇଛି ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା କହିଛନ୍ତି ।

# ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଗତକାଲି ଦିନର ସର୍ବୋଚ୍ଚ ତାପମାତ୍ରା ୩୮ଡିଗ୍ରୀ ସେଲସିୟସ ଝାରସୁଗୁଡା ଏବଂ ମାଲକାନଗିରିରେ ରେକର୍ଡ କରାଯାଇଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ଗଜପତି ଏବଂ ରାୟଗଡା ଜିଲ୍ଲାର ଅଳ୍ପକେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି ।